ହାମାର୍ ଜଙ୍ଗଲ ପଏଦୁଆର୍

# ଶିଆଲିପତ୍ର



୩

SEWAK

Strengthening Rural & Tribal Communities



# ଶିଆଳିପତ୍ର

**ପ୍ରସ୍ତୁତି : ସେବକ**

ରଙ୍ଗିଆମୁଣ୍ଡା, ସୁନ୍ଦରଗଡ଼


**ପ୍ରକାଶକ :**

**ସେବକ**

ସେବକ ପରିସର, ରଙ୍ଗିଆମୁଣ୍ଡା, ପୋ : ଟାଙ୍ଗରପାଲି

ଜିଲ୍ଲା : ସୁନ୍ଦରଗଡ଼-୭୭୦୦୧୧ (ଓଡ଼ିଶା)

ଦୂରଭାଷ: (୦୬୬୨୨)୨୩୭୧୪୬,

ଫ୍ୟାକ୍ସ : (୦୬୬୨୨)୨୩୭୧୨୪

Email:sewaksundargarh@rediffmail.com
Website: www.sewak.org

**ପ୍ରକାଶନ ସମୟ :** ଅଗଷ୍ଟ, ୨୦୧୨

**ପୃଷ୍ଠା ବିନ୍ୟାସ ଓ ମୁଦ୍ରଣ :**

ଜଗନ୍ନାଥ ପ୍ରିଣ୍ଟର୍ସ

ପୁରୁଣା ଭୁବନେଶ୍ୱର - ୨

# ମୁଖବନ୍ଧ

ଆବାହମାନ କାଳରୁ ଜଙ୍ଗଲଜାତ ଦ୍ରବ୍ୟ ଆଦିମ ବନବାସୀମାନଙ୍କ ଜୀବନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି । ସେମାନେ ମୁଖ୍ୟତଃ ଏହି ଜଙ୍ଗଲ ଜାତ ଦ୍ରବ୍ୟ ସଂଗହ କରି ତାଙ୍କର ଜୀବନ ଜୀବିକା ନିର୍ବାହ କରିଥାଆନ୍ତି । ଅନୁଧାନରୁ ଜଣାପଡ଼ିଛି ଯେ, ଆମ ରାଜ୍ୟର ୨୫% ଜନବସତି ଏହି ଜଙ୍ଗଲମାନଙ୍କରେ ହିଁ ବସବାସ କରିଥାଆନ୍ତି । ଯେହେତୁ ପଶ୍ଚିମ ଓଡ଼ିଶାରେ ଏହି ବନବାସୀମାନଙ୍କର ସଂଖ୍ୟା ଯଥେଷ୍ଟ ଏବଂ ବର୍ଷର ବିଭିନ୍ନ ସମୟରେ ସେମାନେ ବିଭିନ୍ନ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରିଥାଆନ୍ତି । ତେଣୁ ଆମ ପାଇଁ ଏହା ଏକ ପରମ କର୍ତ୍ତବ୍ୟ ଯେ, ପ୍ରକୃତରେ ଏହି ନିରୀହ ସରଳ ସଂପ୍ରଦାମାନେ ଯେମିତି ଠକାମିର ଶିକାର ନହେବେ ତା ସହିତ ତାଙ୍କର ଉଚିତ ପ୍ରାପ୍ୟ ସେମାନେ ପାଇ ପାରିବେ ।

ତେଣୁ ଏହି ପୁସ୍ତକ ମାଧ୍ୟମରେ ଆମେ ଚେଷ୍ଟା କରିଛୁ ଜଙ୍ଗଲ ଜାତ ଦ୍ରବ୍ୟଗୁଡ଼ିକ ଉପରେ ସବିଶେଷ ସୂଚନା ଯେମିତି ଜନସାଧାରଣଙ୍କ ପାଖରେ ପହଞ୍ଚିପାରିବ ।

ଆମର ଏହି ସଂସ୍କରଣରେ ଆମେ ଶିଆଳିପତ୍ରକୁ ପ୍ରାଧାନ୍ୟ ଦେଇଛୁ । ତେଣୁ ଯଦି କିଛି ସୂଚନା ଛାଡ଼ି ହୋଇଥାଏ ତାହେଲେ ଆପଣମାନଙ୍କର ମତାମତ ନିଶ୍ଚିତ ଭାବରେ ଆମର ପ୍ରୟୋଜନୀୟ ।

ଧନ୍ୟବାଦ

ପ୍ରଦୀପ କୁମାର ବ୍ରହ୍ମ

ସଂପାଦକ, ସେବକ

# ଶିଆଳିପତ୍ର

ପୁରାତନ କାଳରୁ ବନବାସୀମାନେ ତାଙ୍କର ଜୀବନ ଜୀବିକା ପାଇଁ ସମ୍ପୂର୍ଣ୍ଣ ଭାବରେ ନିର୍ଭରଶୀଳ। ସେଥିପାଇଁ ସେମାନେ ଜଙ୍ଗଲରୁ ବିଭିନ୍ନ ବନଜାତ ଦ୍ରବ୍ୟ ସଂଗ୍ରହ କରିଥାଆନ୍ତି ଏବଂ ତାଙ୍କର ଜୀବିକା ନିର୍ବାହ କରିଥା'ନ୍ତି। ସେମାନେ ସଂଗ୍ରହ କରୁଥିବା ବନଜାତ ଦ୍ରବ୍ୟଗୁଡ଼ିକ ମଧ୍ୟରି ଶିଆଳିପତ୍ର ଅନ୍ୟତମ। 'ଶିଆଳି' ଗ୍ରାମାଞ୍ଚଳର ଏକ ପରିଚିତ ନାମ । ଏହା ଗୋଟିଏ ବିଶାଳ ଲତା ଜାତୀୟ ଉଦ୍ଭିଦ । ଉଦ୍ଭିଦ ବିଜ୍ଞାନ ଅନୁସାରେ ଏହାର ନାମ 'ବଉହିନିଆ ଭାଲି' । ଏହି ଲତା ଏତେ ଦୂର ବ୍ୟାପି ପାରେ ଯେ ଜଙ୍ଗଲ ଛଡ଼ା ଅନ୍ୟ ସ୍ଥାନରେ ଏହା ବଢିବା କଷ୍ଟକର ହୋଇପଡ଼େ । ଗୋଟିଏ ପରିପକ୍ୱ ଲତା ବିଶାଳ ଗଛମାନଙ୍କ ଉପରେ ଅଧିକ ପରିମାଣରେ ଚାପ ପକାଏ ଓ ବେଳେ ବେଳେ ସେହି ବୃକ୍ଷମାନେ ଏହାର ଓଜନ ଯୋଗୁ ଭାଙ୍ଗି ପଡ଼ନ୍ତି । ତେଣୁ ଜଙ୍ଗଲ ଅଞ୍ଚଳ ହିଁ ଶିଆଳିଲତା ବଢିବାରେ ଉପଯୁକ୍ତ ସ୍ଥାନ ହୋଇଥାଏ । ଶିଆଳି ଲତାର ମୂଳ ବିଶାଳ ଆକାର ଧାରଣ କରି ବୃକ୍ଷର ଭ୍ରମ ମଧ୍ୟ ସୃଷ୍ଟି କରିଥାଏ ।

ଶିଆଳି ଲତାର ବ୍ୟାପକ ଉପଯୋଗୀତା ହେତୁ ଉଭୟ ଜଙ୍ଗଲ ଅଧିବାସୀ ଓ ଜଙ୍ଗଲ ଉପରେ ନିର୍ଭର କରୁଥିବା ଗ୍ରାମାଞ୍ଚଳ ଲୋକମାନଙ୍କ ପାଇଁ ଏହାର ବିଶେଷ ଗୁରୁତ୍ୱ ରହିଛି । ଶିଆଳି ଲତାର ପ୍ରତ୍ୟେକ ଅଂଶ ଲୋକଙ୍କର ବ୍ୟବହାରରେ ଆସିଥାଏ । ଏହାର ତନ୍ତୁରୁ ଦଉଡ଼ି ତିଆରି କରାଯାଇ ବିଭିନ୍ନ ପ୍ରକାର ନମନୀୟ ଟୋକେଇ ଆଦି ତିଆରି କରିବାରେ ବ୍ୟବହାର କରାଯାଏ । ଏହା ବ୍ୟତୀତ ଶିଆଳି ଲତାର ଅଧିକ ବ୍ୟବହାର ହେଉଥିବା ଅଂଶଟି ହେଉଛି ଏହାର ପତ୍ର । ପତ୍ରର ଡେମ୍ଫରେ ମଧ୍ୟ ଔଷଧୀୟ ଗୁଣ ଥିବା ଯୋଗୁଁ ଗ୍ରାମବାସୀଙ୍କ ଦ୍ୱାରା ବ୍ୟବହାରରେ ଆସିଥାଏ ।

ଶିଆଳି ପତ୍ର ଦେଖିବାକୁ ଓଟର ପାଦ (ଖୁରା) ଭଳି ଅର୍ଥାତ୍ ଜାଆଁଳା । ସେଥିପାଇଁ ଫରାସୀ ଉଦ୍ଭିଦ ବିଜ୍ଞାନୀ ଦୁଇ ଜାଆଁଳା ଭାଇଙ୍କ ନାମରେ ଏହାର ବୈଜ୍ଞାନିକ ନାମକରଣ କରାଯାଇଛି । କଞ୍ଚନ ଫୁଲ ଗଛ ମଧ୍ୟ ଏହି ଜାତିର, କିନ୍ତୁ ଖଲି ପାଇଁ ତା'ର ପତ୍ର ଶିଆଳି ପତ୍ର ସହ ସମତୁଲ ନୁହେଁ ।

### ପ୍ରକାର ଭେଦ :

ଛୋଟ, ବଡ଼, ମୋଟାଳିଆ ଏବଂ ପତଳା - ଏ ସମସ୍ତ ଲକ୍ଷଣକୁ ନେଇ ଶିଆଳି ପତ୍ରର ଶ୍ରେଣୀ ବିଭାଗ କରାଯାଏ । ଉଦାହରଣ ସ୍ୱରୂପ, ପତ୍ରର ଆକାର ଯେତେ ବଡ଼ ହେବ, ସେତିକି ଭଲ, ମାତ୍ର ନିର୍ଦ୍ଦିଷ୍ଟ ସୀମା ଠାରୁ କମ୍ ବା ଅଧିକ

ମୋଟାଳିଆ ଥିଲେ ପତ୍ରଗୁଡ଼ିକର ନମନୀୟତା ପ୍ରଭାବିତ ହୋଇଥାଏ ଓ ଏହା ବ୍ୟବହାରିକ ଦୃଷ୍ଟିକୋଣରୁ ଅନୁପଯୁକ୍ତ ମନେ କରାଯାଏ । ସେଇଭଳି, ଅଧିକ ଖରା ଖାଇଥିବା ପତ୍ରର ଗୁଣାତ୍ମକମାନ ହ୍ରାସ ପାଇଥାଏ ।

ଭୌଗୋଳିକ ପରିବେଶ ଭିତ୍ତିରେ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳର ପତ୍ରର ଗୁଣାତ୍ମକ ମାନ ଅନ୍ୟ ଅଞ୍ଚଳର ପତ୍ର ତୁଳନାରେ ଭିନ୍ନ ଧରଣର ବିବେଚିତ ହୁଏ । ସୁନ୍ଦରଗଡ଼ ଜିଲ୍ଲାର ବିସ୍ରା-ବଣେଇ ଅଞ୍ଚଳର ପତ୍ରକୁ ଉତ୍ତମ ପତ୍ର ଶ୍ରେଣୀଭୁକ୍ତ କରାଯାଇଛି । ସୁନ୍ଦରଗଡ଼, ବଣେଇ ଓ ଦେବଗଡ଼ର ଜଙ୍ଗଲାଞ୍ଚଳର ଉତ୍ପାଦିତ ପତ୍ରକୁ ସରକାର ପ୍ରଥମ ଶ୍ରେଣୀର ମାନ୍ୟତା ଦେଇଛନ୍ତି । କିନ୍ତୁ ଉତ୍ତମ ମାନର ପତ୍ର ରାଜ୍ୟର ଅନ୍ୟ ଅଞ୍ଚଳରେ ମଧ୍ୟ ଉତ୍ପାଦନ କରାଯାଉଛି । ସାଧାରଣ ଭାବରେ ରାଜ୍ୟର ଶିଆଳି ପତ୍ର ଉତ୍ପାଦନ ଅଞ୍ଚଳକୁ ଦୁଇ ଭାବରେ ବିଭକ୍ତ କରାଯାଇଛି । ଉତ୍ତରାଞ୍ଚଳର ଉଚ୍ଚମାନର ପତ୍ର ଓ ଦକ୍ଷିଣାଞ୍ଚଳର ନିମ୍ନମାନର ଉତ୍ପାଦନ ।

**ବ୍ୟବହାର :**

ବ୍ୟବସାୟିକ କ୍ଷେତ୍ରରେ ବିଭିନ୍ନ ସାମଗ୍ରୀରେ ବାନ୍ଧିବା ନିମନ୍ତେ ଗୋଟା ପତ୍ରକୁ ବ୍ୟବହାର କରାଯାଇଥାଏ । ପତ୍ରରୁ ଦନା ଓ ଖଲି ବହୁଳ ଭାବରେ ତିଆରି କରାଯାଇ ବିକ୍ରି ହୋଇଥାଏ । ଛୋଟ ଜଳଖିଆ ଦୋକାନ ଓ ଗ୍ରାମାଞ୍ଚଳରେ ମାଛ ବେପାରୀମାନେ ଗୋଟା ପତ୍ରକୁ ବ୍ୟବହାର କରିଥାନ୍ତି । ବିଭିନ୍ନ ଦ୍ରବ୍ୟକୁ ଏଥିରେ ଗୁଡ଼ାଇ ଗ୍ରାହକଙ୍କୁ ଦେବାପାଇଁ ଶାଳପତ୍ର ଅପେକ୍ଷା ଶିଆଳିପତ୍ର ଅଧିକ ବ୍ୟବହୃତ ହୁଏ କାରଣ ଆକାରରେ ଶିଆଳି ପତ୍ର ଶାଳପତ୍ର ଠାରୁ ବଡ଼ ଅଟେ ।

ଶିଆଳି ପତ୍ରର ଦନା ଅପେକ୍ଷା ଖଲିର ପ୍ରଚଳନ ଅଧିକ ହୋଇଥାଏ । ଏହାକୁ ହାତରେ କିମ୍ବା ମେସିନରେ ସିଲେଇ କରି ଖଲି ତିଆରି କରାଯାଏ । ଶିଆଳିର ସାଧାରଣ ଖଲି ଦନା ବ୍ୟବହାର ହେଉଥିବା ସମୟରେ କେତେକ ଏହାକୁ ଛାଞ୍ଚରେ ପକାଇ ସ୍ୱତନ୍ତ୍ର ପ୍ରକାର ଖଲି ଦନା ପ୍ରସ୍ତୁତ କରିଥାନ୍ତି, ଯାହା ଦେଖିବାକୁ ସୁନ୍ଦର ଓ ମଜଭୁତ ହୋଇଥିବାରୁ ସହରାଞ୍ଚଳରେ ଏହାର ଚାହିଦା ଅଧିକ ।

ହଜାର ହଜାର ଗରିବ ନିମ୍ନବର୍ଗର ଗ୍ରାମବାସୀ ଶିଆଳି ପତ୍ରକୁ ସେମାନଙ୍କର ଆୟର ମାଧ୍ୟମ ରୂପେ ବାଛିନେଇଛନ୍ତି । ସେମାନେ ଏଥିରୁ ଖଲି ଓ ଦନା ପ୍ରସ୍ତୁତ କରି ବିକ୍ରି କରିଥାନ୍ତି ଓ କେତେକ ଗ୍ରାମବାସୀ ପତ୍ରକୁ ମଧ୍ୟ ବିକ୍ରି କରିଥାନ୍ତି । ପତ୍ର ସଂଗ୍ରହ କରିବା ଠାରୁ ତାକୁ ସୁଖାଇବା ଓ ଗଚ୍ଛିତ କରି ରଖିବା କାମ ସାଧାରଣତଃ ମହିଳାମାନେ କରିଥାନ୍ତି ।

ଶିଆଳି ପତ୍ରରୁ ଏକ ପ୍ରକାର ଛତା ଗ୍ରାମାଞ୍ଚଳରେ ବ୍ୟବହାର କରାଯାଇଥାଏ । ଚାଷୀମାନେ ବର୍ଷାଦିନେ ଚାଷଜମିକୁ ଯିବା ସମୟରେ ଏହାକୁ

ମୁଣ୍ଡରୁ ପିଠି ପର୍ଯ୍ୟନ୍ତ ପକାଇଥାନ୍ତି । ଏହାକୁ ସ୍ଥାନୀୟ ଭାଷାରେ ତଳେଇ ବୋଲି କୁହାଯାଏ । ବାଉଁଶ ପାତିଆର ଆଧାର ଉପରେ ପତ୍ରକୁ ପତ୍ର ମହୁଫେଣା ପରି ସଜାଇ ଏହାକୁ ଗୁନ୍ଥା ଯାଇଥାଏ । ପତ୍ରର ଉଷ୍ଣତା ବର୍ଷା ସମୟରେ ଦେହକୁ ଗରମ ମଧ୍ୟ ରଖିଥାଏ ।

## ଅମଳ ପଦ୍ଧତି, ପ୍ରକ୍ରିୟାକରଣ ତଥା ଲାଭ କ୍ଷତିର ହିସାବ

ଶିଆଳି ପତ୍ର ଉଭୟ ଗୁଣ ତଥା ପରିମାଣରେ ଅକ୍ଟୋବରରୁ ଫେବୃୟାରୀ ମାସ ମଧ୍ୟରେ ଭଲ ମିଳିଥାଏ । ତେଣୁ ଏହା ହେଉଛି ସଂଗ୍ରହର ଉପଯୁକ୍ତ ସମୟ । ପତ୍ରର ପରିମାଣ ମାର୍ଚ୍ଚରୁ ମଇ ମାସ ମଧ୍ୟରେ ଖୁବ୍ କମିଯାଇଥାଏ- ଏବଂ ଯେତିକି ପତ୍ର ସେହି ସମୟରେ ସଂଗ୍ରହ କରାଯାଏ, ତାର ମାନ ମଧ୍ୟ ଭଲ ନ ଥାଏ । ଆକାରରେ ଛୋଟ ଓ ସତେଜ ନଥିବା ପତ୍ର ଅଳ୍ପ ପରିମାଣରେ କିଏ କେମିତି ସଂଗ୍ରହ କରିଥାନ୍ତି । ବର୍ଷା ଋତୁର ପ୍ରାରମ୍ଭ, ଅର୍ଥାତ୍ ଜୁନ୍ ମାସର ମଧ୍ୟଭାଗରୁ ଶିଆଳି ଲତାରେ ନୂତନ ପତ୍ର କଅଁଳ ଥାଏ ।

ପ୍ରାଥମିକ ସଂଗ୍ରହକାରୀମାନେ ପତ୍ର ସଂଗ୍ରହ ପାଇଁ ଭୋରରୁ ଯାଇ ମଧ୍ୟାହ୍ନ ବେଳକୁ ଫେରନ୍ତି । ସମତଳ ଅଞ୍ଚଳରେ ପତ୍ର ପରିମାଣ କମିଯିବା ସମୟରେ ସେମାନେ ଅଧିକ ପତ୍ର ପାଇବା ପାଇଁ ପାହାଡ଼ ଉପରକୁ ମଧ୍ୟ ଯାଇଥାନ୍ତି । ସାଧାରଣତଃ ଦେଖାଯାଏ ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଅତ୍ୟନ୍ତ ଧୈର୍ଯ୍ୟ ସହକାରେ ପତ୍ର ସଂଗ୍ରହ କରିଥାନ୍ତି । ପୁରୁଷମାନେ କମ୍ ସମୟରେ ବେଶୀ ପତ୍ର ସଂଗ୍ରହ କରିବା ଉଦ୍ଦେଶ୍ୟରେ ସମ୍ପୂର୍ଣ୍ଣ ଲତାକୁ ମୂଳରୁ କାଟିଦେଇଥାନ୍ତି । ବେଳେବେଳେ ପୋଡୁଚାଷ ପାଇଁ ଏହା କଟାଯାଇଥାଏ କିମ୍ବା ମହିଳାମାନେ ଉଚ୍ଚ ଯାଗାରେ ଥିବା ପତ୍ରକୁ ତୋଳିବା ଲାଗି ସକ୍ଷମ ହେଉନଥିବା ଯୋଗୁଁ ଉଚ୍ଚକୁ ବଢିଯାଇଥିବା ଲତାକୁ କଟାଯାଏ । ସମ୍ପୂର୍ଣ୍ଣ ଶିଆଳି ଲତାକୁ କାଟିଦେବାର ଅନ୍ୟ ଏକ ଉପଯୋଗୀ କାରଣ ହେଉଛି- ଏହି ଲତାଟି ବୁଢା ହୋଇଗଲେ ତିନି/ଚାରି ଫୁଟ ଗୋଲେଇର ଗଛ ଭଳି ପ୍ରତୀଅମାନ ହୁଏ ଏବଂ ଏଭଳି ଗଛରୁ ପତ୍ରର ପରିମାଣ କମିବା ସଙ୍ଗେ ସଙ୍ଗେ ଆକାର ମଧ୍ୟ ଛୋଟ ହୋଇଯାଏ । ଏହି କାରଣ ଯୋଗୁଁ ଲତାକୁ ମୂଳରୁ କାଟିଦେବା ଜରୁରି ହୋଇପଡ଼େ କାରଣ ନୂଆ ପିଲ ବାହାରି ନୂତନ ଲତାରୁ ଉତ୍ତମ ମାନର ଓ ଅଧିକ ପତ୍ର ମିଳିଥାଏ ।

ଏହି ସବୁ କାରଣକୁ ବାଦ ଦିଅଗଲେ ମଧ୍ୟ ଏହା ସତ ଯେ ପୁରୁଷଙ୍କ ତୁଳନାରେ ମହିଳା ସଂଗ୍ରହକାରୀମାନେ ଅଧିକ ଯତ୍ନଶୀଳ । ସଠିକ୍ ଆକାର ଓ ପରିପକ୍ୱ ପତ୍ର- ଯାହାକି ଖଲି ପ୍ରସ୍ତୁତ ପାଇଁ ଉପଯୁକ୍ତ, ସେଭଳି ପତ୍ର ମହିଳାମାନେ ଯତ୍ନସହକାରେ ତୋଳିଥାନ୍ତି ଏବଂ କଅଁଳିଆ ଓ ପାଚିଲା ପତ୍ରକୁ ବାଦ ଦେଇଥାନ୍ତି ।

ପତ୍ର ଅମଳ ଋତୁରେ ଜଣେ ଲୋକ ହାରାହାରି ଦିନକୁ ଏକ ହଜାର ପତ୍ର ସଂଗ୍ରହ କରିଥାଏ । ଛୋଟ ଆକାର ପତ୍ର ଓ ପାଚିଲା ପତ୍ରକୁ ଖଲି ତିଆରି ପାଇଁ ଉପଯୁକ୍ତ ମନେ କରାଯାଏ ନାହିଁ କାରଣ ଛୋଟ ପତ୍ରରୁ ଖଲି ତିଆରି କରିବା ପାଇଁ ଅଧିକ ସମୟ ଖର୍ଚ୍ଚ ହୋଇଥାଏ ଯେହେତୁ ପତ୍ର ସଂଖ୍ୟା ଅଧିକ ଥିବାରୁ ସିଲେଇ ନିମନ୍ତେ ଅଧିକ ସମୟ ବ୍ୟୟ ହୁଏ । ପାଚିଲା ପତ୍ରର ନମନୀୟତା ଗୁଣ ନଥିବା ହେତୁ ତାହା ଖଲି ପାଇଁ ଉପଯୁକ୍ତ ହୁଏନାହିଁ ।

ପତ୍ର ତୋଳା ହେବା ପରେ ତାକୁ ସମତଳ ସ୍ଥାନରେ ସମାନ କରି ଶୁଖାଇ ଦିଆଯାଏ । ପତ୍ରର ଉପର ଓ ତଳ ଅଂଶ ସମାନ ଭାବରେ ଶୁଖିବା ପାଇଁ ଏହାକୁ ଓଲଟ ପାଲଟ କରିବାକୁ ପଡ଼ିଥାଏ । ମେଘୁଆ ପାଗ ହୋଇନଥିଲେ ଗୋଟିଏ ଦିନରେ ପତ୍ରଗୁଡ଼ିକ ଶୁଖିଯାଇଥାଏ । ପତ୍ର ଠିକ୍ ଭାବରେ ଶୁଖି ନ ପାରିଲେ ଏହାର ରଙ୍ଗ କଳା ହୋଇଯାଇଥାଏ ଓ ଅଧିକ ଶୁଖିଗଲେ ମଧ୍ୟ ତାର ନମନୀୟତା ହରାଇଥାଏ । ତେଣୁ ସାବଧାନତାର ସହିତ ଏହି କାର୍ଯ୍ୟ ମହିଳାମାନେ କରିଥାନ୍ତି । ପତ୍ର ଶୁଖିଗଲା ପରେ ତାହା ୫୦ରୁ ୬୦ ପ୍ରତିଶତ ଓଜନ ହରାଇଥାନ୍ତି । ତୋଳିବା ସମୟରେ ଡେମ୍ଫରୁ ତୋଳିବା ସହଜ ହୋଇଥାଏ ଓ ଯେଉଁମାନେ ପତ୍ରକୁ ଗୋଟା ବିକ୍ରି କରିଥାନ୍ତି, ଡେମ୍ଫ ଦ୍ୱାରା ପତ୍ରକୁ ଗଣିବା ସେମାନଙ୍କ ନିମନ୍ତେ ସହଜ ହୋଇଥାଏ । ମାତ୍ର ଅନୁଧ୍ୟାନ କରି ଦେଖାଯାଇଛି ଯେ ଖଲି ପ୍ରସ୍ତୁତ କରିବା ପାଇଁ ଅଧିକ ମାତ୍ରାରେ ପତ୍ରକୁ ଶୁଖାଇ ଗଚ୍ଛିତ କରି ରଖିବା ସମୟରେ ଡେମ୍ଫ ପତ୍ର ସହିତ ଲାଗିରହିବା ଠିକ୍ ହୋଇନଥାଏ । କାରଣ ପତ୍ର ପତଳା ହୋଇଥିବା ଯୋଗୁଁ ଗୋଟିଏ ଦିନରେ ଶୁଖିଗଲେ ମଧ୍ୟ ଡେମ୍ଫ ପତ୍ର ସହିତ ଶୁଖିପାରେ ନାହିଁ ଓ ସେଥିରେ ଥିବା ଜଳୀୟ ଅଂଶ ଗଚ୍ଛିତ ପତ୍ରକୁ ନଷ୍ଟ କରିଥାଏ । ଆହୁରି ମଧ୍ୟ ପତଳା ପତ୍ରରେ ଡେମ୍ଫ ବାଜିବା ଦ୍ୱାରା ତାହା ଫାଟିଯିବାର ସମ୍ଭାବନା ରହିଥାଏ । ଖଲି ସିଲେଇ କରିବା ସମୟରେ ଡେମ୍ଫର କୌଣସି ଆବଶ୍ୟକତା ନଥିବା ଯୋଗୁଁ ପତ୍ରରୁ ଏହାକୁ ଅଲଗା କରିଦେବା ଉଚିତ୍ ।

ଶୁଖିଲା ପତ୍ର ଅନେକ ଦିନ ପର୍ଯ୍ୟନ୍ତ ସାଇତି ରଖାଯାଇ ପାରେ । ତେଣୁ ଗଚ୍ଛିତ କରି ରଖା ଯାଇଥିବା ପତ୍ରକୁ ଖଲି ସିଲେଇ କରିବା ସମୟରେ ଅଳ୍ପ ପାଣି ଛିଞ୍ଚିଦେଲେ ତାହା ନରମ ହୋଇ ଖଲି ତିଆରି ନିମନ୍ତେ ଉପଯୁକ୍ତ ହୋଇଥାଏ । ମାତ୍ର ପ୍ରାଥମିକ ସଂଗ୍ରହକାରୀର ମାର୍ଚ୍ଚରୁ ମେ ମାସ ପର୍ଯ୍ୟନ୍ତ ରହୁଥିବା ପତ୍ର ଅଭାବକୁ ତାର ଗଚ୍ଛିତ ଥିବା ପତ୍ର ପୂରଣ କରି ପାରେ ନାହିଁ । ଏଥିପାଇଁ ମୁଖ୍ୟତଃ ଯେଉଁ କେତୋଟି କାରଣ ଦାୟୀ ବୋଲି ଧରା ଯାଇପାରେ ସେଗୁଡ଼ିକ ନିମ୍ନରେ ଦିଆଗଲା:

- ପ୍ରାଥମିକ ସଂଗ୍ରହକାରୀର ଆର୍ଥିକ ସ୍ଥିତି ଏତେ ଦୁର୍ବଳ ଯେ ପତ୍ର ହେଉ କିମ୍ବା ଖଲି ହେଉ, ଶିଘ୍ର ବିକ୍ରିକରି ଆୟ କରିବା ସେମାନଙ୍କ ପାଇଁ ଜରୁରୀ ହୋଇପଡ଼େ ।
- ଖରାଦିନ ନିମନ୍ତେ ଅଧିକ ପତ୍ର ଗଛିତ କରି ରଖିବା ପାଇଁ ସେମାନଙ୍କ ନିକଟରେ ସ୍ଥାନର ଅଭାବ ରହିଥାଏ ।
- ଖଲି ତିଆରି ପାଇଁ ବେଶିଦିନର ଗଛିତ ପତ୍ର ସତେଜ ପତ୍ର ତୁଳନାରେ ନିକୃଷ୍ଟ ବୋଧହୁଏ ।
- ଯେଉଁ ତିନିମାସ ଶିଆଳିପତ୍ରର ଅଭାବ ଦେଖାଦିଏ, ସେହି ସମୟରେ କେନ୍ଦୁପତ୍ର ସଂଗ୍ରହ ଋତୁ ଆସିଯାଇଥାଏ । ତେଣୁ ସଂଗ୍ରହକାରୀ ଗ୍ରାମବାସୀମାନଙ୍କ ପାଇଁ ଏହା ରୋଜଗାରର ମାଧ୍ୟମ ହୋଇଯାଇଥାଏ । କେନ୍ଦୁପତ୍ର ସଂଗ୍ରହ ତଥା ତାର ଆନୁସଙ୍ଗିକ କାମରେ ଦିନ ସାରା ବ୍ୟସ୍ତ ରହୁଥିବା ଯୋଗୁଁ ଶିଆଳି ପତ୍ର ସିଲେଇ କରିବା ସେମାନଙ୍କର ପାଇଁ ସମ୍ଭବ ହୋଇ ନଥାଏ ।

ଶିଆଳି ପତ୍ର ଖଲି ସାଧାରଣତଃ ୧୪ଇଞ୍ଚରୁ ଆରମ୍ଭ କରି ୨୨ଇଞ୍ଚ ପର୍ଯ୍ୟନ୍ତ ତିଆରି କରାଯାଇଥାଏ । କେତେକ ସିମିତ ଅଞ୍ଚଳରେ ଜଳଖିଆ ଖାଇବା ପାଇଁ ବ୍ୟବହୃତ ୬ରୁ ୧୨ ଇଞ୍ଚର ଛୋଟ ଖଲି ମଧ୍ୟ ତିଆରି ହୁଏ । ଖଲି ସିନେଇ ପାଇଁ ପତ୍ର ସଂଖ୍ୟା ସାଧାରଣତଃ ପତ୍ରର ଆକାର ଉପରେ ନିର୍ଭର କରିଥାଏ ।

ଗୋଟିଏ ବଡ଼ ପତ୍ରକୁ ମଝିରେ ରଖି ତା ଚାରିପଟେ ଫାଳ ପତ୍ର ଯୋଡ଼ି ସିଲେଇ କରାଯାଏ । ଖଲି ସିଲେସଇ କରୁଥିବା ମହିଳାମାନେ ଛୋଟ ବଡ଼ ପତ୍ରର ସୁନ୍ଦର ବ୍ୟବହାର କରି ପତ୍ରର ଅଧିକ ଖର୍ଚ୍ଚକୁ ରୋକିଥାନ୍ତି । ହାତ ତିଆରି ଖଲି ଗୁଡ଼ିକ ବାଉଁଶର ପତଳା ଖଡ଼ିକା, କଣ୍ଟାଝାଡୁର କାଠି ତଥା ଶୁଖିଲା ଖଜୁରୀ ପତ୍ରର ପାତିଆରୁ ତିଆରି କରାଯାଇଥାଏ ।

ଏକ ଶହ ଖଲି ତିଆରି କରିବା ପଇଁ ଆବଶ୍ୟକ ହେଉଥିବା ସମୟର ହିସାବ ନିମ୍ନରେ ଦିଆଗଲା:

| କାର୍ଯ୍ୟ | ଆବଶ୍ୟକ ସମୟ |
|---|---|
| ପତ୍ର ସଂଗ୍ରହରେ | ୫.୫ ଘଣ୍ଟା |
| ଶୁଖାଇବାରେ | ୧ ଘଣ୍ଟା |
| ଖଲି ସିଲେଇ କରିବାରେ | ୩ ଘଣ୍ଟା |
| ମୋଟ | ୯.୫ ଘଣ୍ଟା |

ଗୋଟିଏ ୧୬ ଇଞ୍ଚ ବ୍ୟାସର ଖଲି ପାଇଁ ଗୋଟା ପତ୍ର ପ୍ରାୟତଃ ୪ଟି ଦରକାର ହୋଇଥାଏ । ଅତି ଛୋଟ ଆକାରର ପତ୍ର ହୋଇଥିଲେ ସଂଖ୍ୟାରେ ଫରକ୍ ଆସିପାରେ । ପତ୍ର ସଂଗ୍ରହ ଠାରୁ ଆରମ୍ଭ କରି ସିଲେଇ ପର୍ଯ୍ୟନ୍ତ ୯.୫ଘଣ୍ଟାରୁ ଅଧିକ ସମୟ ବ୍ୟୟ ହୋଇଥାଏ । ସିଲେଇ ପାଇଁ ବ୍ୟବହାର ହେଉଥିବା ଖଡ଼ିକା ତିଆରି ସମୟକୁ ଏଥିରେ ଯୋଗ କରାଗଲେ ମୋଟ ସମୟ ଆହୁରି ବଢ଼ିଯିବ । କାରଣ ଦେଖାଯାଇଛି ଯେ ୧୦୦ ଖଲି ସିଲେଇ ପାଇଁ ଆବଶ୍ୟକ ହେଉଥିବା ଖଡ଼ିକା ପ୍ରସ୍ତୁତ କରିବାକୁ ୧ଘଣ୍ଟା ସମୟ ଲାଗିଥାଏ । ଏହି ହିସାବ ଅନୁସାରେ ୧୦୦ ଖଲି ପାଇଁ ୧୦.୫ ଘଣ୍ଟା ସମୟ ଦରକାର ହେଉଛି ଯାହାକି ଗୋଟିଏ ଶ୍ରମ ଦିବସ ଠାରୁ ମଧ୍ୟ ଅଧିକ । ତେବେ ଜଣେ ଖଲି ତିଆରିକାରୀ ସମୟକୁ ଦୃଷ୍ଟିରେ ନରଖି ନିଜର ଘରକାମ ମଝିରେ ଖଲି ସିଲେଇ କାମକୁ କରିଥାଏ । ସେଭଳି ଦେଖିବାକୁ ଗଲେ ୧୦୦ଖଲି ତିଆରି କରିବାକୁ ସେ ଦୁଇଦିନ ପର୍ଯ୍ୟନ୍ତ ସମୟ ନେଇଥାଏ ।

ହାତ ସିଲେଇ ଖଲିକୁ ବାଦ ଦେଲାପରେ ମେସିନ୍ ସିଲେଇ ଖଲିର ପ୍ରଚଳନ ମଧ୍ୟ ବହୁଳ ଭାବରେ ହୋଇଥାଏ । ଏଥିରେ ଖଡ଼ିକା ବଦଳରେ ସୂତାର ବ୍ୟବହାର କରାଯାଇଥାଏ ଓ ସିଲେଇ ମେସିନରେ ଏହା ସିଲେଇ ହୋଇଥାଏ । ଖଲିର ଆକାରକୁ ନେଇ ଖର୍ଚ୍ଚ ତଥା ବିକ୍ରି ମୂଲ୍ୟରେ ପାର୍ଥକ୍ୟ ଆସିଥାଏ ।

ମେସିନ ସିଲେଇ ଖଲିକୁ କେତେକ ସ୍ଥଳରେ ଅଧିକ ସୁନ୍ଦର କରିବା ପାଇଁ ଛୁରୀ କିମ୍ବା ମେସିନ ସାହାଯ୍ୟରେ ଏହାର ଧାରକୁ କଟାଯାଇ ଗୋଲ ଆକୃତି ଦିଆଯାଇଥାଏ । ଖଲିର ମୂଲ୍ୟ ବୃଦ୍ଧି କରିବା ପାଇଁ ଏହା ଅନ୍ୟ ଏକ ବ୍ୟବସ୍ଥା ଅଟେ । ଗୋଟିଏ ଶ୍ରମ ଦିବସରେ ହାରାହାରି ୫୦୦ଟି ଖଲିର ଏଭଳି ପ୍ରକ୍ରିୟାକରଣ କରାଯାଇପାରେ ।

ଏହାଛଡ଼ା ଖଲିକୁ ଆହୁରି ଉପଯୋଗୀ ଓ ଆକର୍ଷଣୀୟ କରିବା ପାଇଁ ଛାଞ୍ଚରେ ପକାଯାଇଥାଏ ବା ପ୍ରେସ କରାଯାଇଥାଏ । ଦୁଇଜଣ ଲୋକ ଏହି ପ୍ରକ୍ରିୟାରେ କାର୍ଯ୍ୟ କରିଥାନ୍ତି । ପ୍ରଥମେ ଜଣେ ଖଲିକୁ ଠିକ୍ ଭାବରେ ଧରି ରଖିବା ସମୟରେ ଅନ୍ୟ ବ୍ୟକ୍ତିଟି ମେସିନ୍ ସାହାଯ୍ୟରେ ଚାପ ଦେଇଥାଏ । କେତେକ ସ୍ଥଳରେ ଦୁଇଟି ଖଲି ମଧ୍ୟରେ ପତଳା ପଲିଥିନ(ଜରି) ଦେଇ ତାପଯୁକ୍ତ ଚାପ ଦିଆଯାଇ ଥାଏ ଯାହାଦ୍ୱାରା ଚାପ ପ୍ରୟୋଗ ସମୟରେ ପଲିଥିନ ଗରମ ହୋଇ ପତ୍ରରେ ଲାଗିଯାଏ ଓ ଖଲି ଆକୃତିକୁ ବଜାୟ ରଖିବାରେ ସାହାଯ୍ୟ କରିଥାଏ ।

## ପରିବେଶଗତ ସମସ୍ୟା

ପରିତ୍ୟକ୍ତ ଶିଆଳି ଥାଳିଗୁଡ଼ିକୁ ଗୋରୁ ଖାଇଲେ ସେଥିରେ ଥିବା ଜରି ସେମାନଙ୍କ ପେଟକୁ ଚାଲିଯଏ । ଯେଉଁ ଥାଳିରେ ଆଲୁମିନିଅମ ଫଏଲ ବ୍ୟବହାର କରାଯାଇଥାଏ, ସେ କ୍ଷେତ୍ରରେ ମଧ୍ୟ ପରିବେଶଗତ ସମସ୍ୟା ସୃଷ୍ଟି ହୁଏ କାରଣ

ଜରି ଭଳି ଏହି ଫଏଲ ମଧ୍ୟ ବିଘଟିତ ହୋଇ ମାଟିରେ ମିଶିବାର ସମ୍ଭାବନା ନଥାଏ । ଅପର ପକ୍ଷରେ ଖାଦ୍ୟୋପଯୋଗୀ ପଲିଥିନ ଜାତୀୟ ଅଠାର ବ୍ୟବହାର ସଫଳ ହୋଇପାରିନାହିଁ କାରଣ କିଛି ଦିନ ପରେ ଏଥିରୁ ଦୁର୍ଗନ୍ଧ ବାହାରେ । ତେଣୁ ଓରମାସ ପ୍ରେସିଙ୍ଗ ଖଲି କରିବାର ଅନ୍ୟ ଉପାୟ ପ୍ରୟୋଗ କରିଛି । ଏଥିରେ ବିନା ପଲିଥିନ୍‌ରେ ଚାପ ଓ ଉତ୍ତାପର ସଠିକ୍ ପ୍ରୟୋଗ କରି ଏହା ପ୍ରସ୍ତୁତ କରାଯାଇଥାଏ, ମାତ୍ର ଏହି ପ୍ରକାର ଖଲିକୁ କମ୍ ସମୟ ମଧ୍ୟରେ ବ୍ୟବହାର କରିଦେବାକୁ ପଡ଼ିଥାଏ, କାରଣ ଏହାର ଭାଙ୍ଗଗୁଡ଼ିକ ଶିଘ୍ର ହୁଗୁଳା ହୋଇଯିବାର ସମ୍ଭାବନା ରହିଥାଏ । ପଲିଥିନ୍ ଓ ଆଲୁମିନିୟମ୍ ଫଏଲ ଲାଗି ନଥିବା ସାଧାରଣ ଖଲି ବ୍ୟବହାର କରିବା ହିଁ ପରିବେଶକୁ ସୁସ୍ଥ ରଖିବାର ଏକ ମାତ୍ର ବିକଳ୍ପ ବୋଲି ବର୍ତ୍ତମାନ ପାଇଁ ଧରାଯାଇପାରେ ।

ଚାପ ପ୍ରୟୋଗ କରି ଛାଞ୍ଚରେ ତିଆରି ହେଉଥିବା ଖଲି ଦୁଇ ପ୍ରକାରର ଉପଲବ୍ଧ ହୋଇଥାଏ, ଯଥା-

୧. ସାଧାରଣ ଖଲି – ଏହା ପତଳା ଓ ବେଶୀ ମଜଭୁତ ହୋଇ ନଥାଏ । ୧୨ଇଞ୍ଚ ଆକାରରେ ଏହି ଖଲି ବଜାରରେ ମିଳିଥାଏ ।
୨. ସ୍ୱତନ୍ତ୍ର ଖଲି – ମୋଟାଳିଆ କାଗଜ ଏଥିରେ ବ୍ୟବହାର କରାଯାଉଥିବାରୁ ଏହା ଅଧିକ ମୋଟା, .ବ୍ୟବହାର ଉପଯୋଗୀ ଏବଂ ଦେଖିବାକୁ ସୁନ୍ଦର ମଧ୍ୟ ।

ଏହି ପ୍ରକାର ଖଲି ଦୁଇଜଣ ଲୋକ ଦିନକୁ ୧୦୦୦ଟି ପ୍ରସ୍ତୁତ କରିବେ । ମେସିନ୍‌ରେ ପ୍ରେସ ହେବାପରେ ଏହାର ବ୍ୟାସ ଦୁଇ ଇଞ୍ଚ କମି ଯାଇଥାଏ । ଅର୍ଥାତ୍ ୧୬ ଇଞ୍ଚର ପ୍ରେସ ଖଲି ତିଆରି ପାଇଁ ୧୮ ଇଞ୍ଚର ସାଧାରଣ ଖଲି ଦରକାର ହୋଇଥାଏ ।

ଶିଆଳି ପତ୍ରରେ ଦନା ତିଆରି କରିବା ବର୍ତ୍ତମାନ ପର୍ଯ୍ୟନ୍ତ ବେଶୀ ଲୋକପ୍ରିୟ ହୋଇପାରିନାହିଁ । ତୁଳନାତ୍ମକ ଭାବରେ ଶାଳ ପତ୍ର ଠାରୁ ଶିଆଳି ପତ୍ର ପତଳା ହୋଇଥିବା ଯୋଗୁଁ ଏଥିରେ ଦନା ତିଆରି କରିବା ଉପଯୁକ୍ତ ମନେ ହୋଇନଥାଏ । ମୋଟାଳିଆ ଶାଳପତ୍ରର ଦନା ବହୁଳ ବ୍ୟବହାର ହେଉଥିବା ଯୋଗୁଁ ଶିଆଳି ଦନାର ଆବଶ୍ୟକତା ଅନୁଭବ କରାଯାଏ ନାହିଁ ।

## ଶିଆଳି ପତ୍ରର ସରକାରୀ ନୀତି:

ସ୍ୱାଧୀନତା ପୂର୍ବରୁ ରାଜ୍ୟର କେତେକ ଅଞ୍ଚଳରେ ବିନା ମୂଲ୍ୟରେ ଶିଆଳି ପତ୍ର ସଂଗ୍ରହ ପାଇଁ ଅନୁମତି ମିଳୁଥିଲା କିନ୍ତୁ ବାମଣ୍ଡା ଗଡ଼ଜାତରେ ଏହାର ରପ୍ତାନି ପାଇଁ ସ୍ୱତନ୍ତ୍ର ମୂଲ୍ୟ ଦେବାକୁ ପଡୁଥିଲା ।

ସ୍ୱାଧୀନତା ପରେ ମଧ୍ୟ ଦୀର୍ଘ ଦିନ ଧରି ଶିଆଳି ପତ୍ର କେବଳ ନିଲାମ ଓ ପରମିଟ ବ୍ୟବସ୍ଥା ଅନୁସାରେ ବିକ୍ରି କରାଯାଉଥିଲା ।

କ୍ରମଶଃ ଶିଆଳି ପତ୍ରର ବ୍ୟବସାୟିକ ସଂଗ୍ରହର ପଟ୍ଟା ରାଜ୍ୟର ଅନ୍ୟ ସଂସ୍ଥାମାନଙ୍କୁ ମଧ୍ୟ ପ୍ରଦାନ କରାଗଲା । ଏହା ଦ୍ୱାରା ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ଶିଆଳିପତ୍ରର ଏକାଧିକ ଏକଚାଟିଆ ବ୍ୟବସାୟୀ ବାହାରିଥିଲେ ।

ମାର୍ଚ୍ଚ ୧୯୯୭ରେ ସରକାର ସ୍ପଷ୍ଟ ରୂପେ ନିର୍ଦ୍ଦେଶ ଦେଇଥିଲେ ଯେ ଶିଆଳିପତ୍ର କ୍ଷେତ୍ରରେ ଆଉ ଏକଚାଟିଆ ଲିଜ୍ ବ୍ୟବସ୍ଥା ରହିବ ନାହିଁ ଓ ଟି.ଡି.ସି.ସି.କୁ ଅନ୍ୟାନ୍ୟ ଘରୋଇ ପଟ୍ଟାଦାରଙ୍କ ସହିତ ବନଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରି କ୍ଷେତ୍ରରେ ପ୍ରତିଦ୍ୱନ୍ଦିତା କରିବାକୁ ପଡ଼ିବ । ସେହି ଅନୁସାରେ ଅନେକ ଘରୋଇ ବ୍ୟବସାୟୀଙ୍କୁ ଶିଆଳିପତ୍ର ଲିଜ ଦିଆଯାଇଥିଲା । ୨୦୦ ମସିହା ମାର୍ଚ୍ଚ ମାସରେ ସରକାରଙ୍କ ଦ୍ୱାରା ଆଗତ ହୋଇଥିବା ନୂଆ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଓ ବ୍ୟବସାୟ ନୀତି ଅନୁସାରେ ୬୦ ପରେ ୬୮ଟି ଲଘୁ ବନଜାତ ଦ୍ରବ୍ୟ ଉପରେ ଗ୍ରାମପଞ୍ଚାୟତର ସଂଗ୍ରହ ଓ ବ୍ୟବସାୟିକ ନିୟନ୍ତ୍ରଣ ରହିଲା । ଶିଆଳିପତ୍ର ଏହି ଲଘୁ ବନଜାତ ଦ୍ରବ୍ୟରୁ ଅନ୍ୟତମ । ସେହି ଅନୁସାରେ ଜଙ୍ଗଲ ବିଭାଗର ଏହା ଉପରେ କୌଣସି ଭୂମିକା ରହିଲା ନାହିଁ । ଘରୋଇ ବ୍ୟବସାୟୀମାନଙ୍କୁ ପତ୍ର ସଂଗ୍ରହ କରିବା ପାଇଁ କେବଳ ମାତ୍ର ଗ୍ରାମ ପଞ୍ଚାୟତ ନିକଟରେ ୧୦୦ ଟଙ୍କା ଜମା କରି ନାମ ପଞ୍ଜିକୃତ କରିବାର ବ୍ୟବସ୍ଥା ରହିଲା । ଏଥିପାଇଁ ରୟାଲଟି ମଧ୍ୟ ଦେବାକୁ ପଡ଼ିଲା ନାହିଁ । ଏସବୁ ସତ୍ତ୍ୱେ ଢାଞ୍ଚାଗତ ଅସୁବିଧା ତଥା ଅନୁଭୂତିର ଅଭାବ ଯୋଗୁଁ ଗ୍ରାମପଞ୍ଚାୟତଗୁଡ଼ିକ ସେମାନଙ୍କ ଅଞ୍ଚଳରେ ଶିଆଳିପତ୍ର ସଂଗ୍ରହକୁ ଉତ୍ତମ ରୂପେ କାର୍ଯ୍ୟକାରୀ କରିପାରି ନାହାନ୍ତି ଓ ବ୍ୟବସାୟୀମାନେ ଏଥିରୁ ସୁବିଧା ନେଇ ପ୍ରାଥମିକ ସଂଗ୍ରହକାରିକୁ ଉଚିତ୍ ମୂଲ୍ୟ ନଦେଇ ପ୍ରତାରିତ କରିବାକୁ ପଛାଉନାହାନ୍ତି ।

## ଶିଆଳିପତ୍ରର ମାଲିକାନା କାହାର ?

*ଓଡ଼ିଶା ଜଙ୍ଗଲ ଉତ୍ପାଦନ ନିୟମ (ବ୍ୟବସାୟ ନିୟନ୍ତ୍ରଣ) ୧୯୮୧ ଅନୁସାରେ ସରକାର ଶିଆଳିପତ୍ରର ବ୍ୟବସାୟ ଉପରେ ନିଜର ସମ୍ପୂର୍ଣ୍ଣ ଅଧିକାର ତଥା ନିୟନ୍ତ୍ରଣ ରଖିଥିଲେ । ସେହି ପତ୍ର ଜଙ୍ଗଲ ଅଞ୍ଚଳରେ ମିଳୁଥାଉ କିମ୍ବା ଘରୋଇ ଅଞ୍ଚଳରୁ ସଂଗ୍ରହ କରାଯାଇଥାଉ ସେଥିରେ କିଛି ପାର୍ଥକ୍ୟ ନଥିଲା । ତଦନୁଯାୟୀ ବନ ବିଭାଗ ଏହି ବନଜାତ ଦ୍ରବ୍ୟ ଉପରେ ସରକାରଙ୍କ ତରଫରୁ ଦୃଢ଼ ଆଧିପତ୍ୟ ଓ କ୍ଷମତା ହାସଲ କରିଥିଲା ।*

*ନୂତନ ଲଘୁବନଜାତ ସଂଗ୍ରହ ଓ ବ୍ୟବସାୟ ନୀତି ଅନୁସାରେ ଶିଆଳିପତ୍ର ଉପରେ ସରକାର ନିଜସ୍ୱ ଅଧିକାରକୁ ଗ୍ରାମପଞ୍ଚାୟକୁ ହସ୍ତାନ୍ତରିତ କରିଛନ୍ତି । ଜାତୀୟ ଉଦ୍ୟାନ, ଅଭୟାରଣ୍ୟ ତଥା ସଂରକ୍ଷିତ ଜଙ୍ଗଲାଞ୍ଚଳକୁ ବାଦ ଦେଇ ଅନ୍ୟ ଅଞ୍ଚଳ ପାଇଁ ପଞ୍ଚାୟତ ଏହି ବ୍ୟବସାୟ ଉପରେ ନିୟନ୍ତ୍ରଣର ଅଧିକାର ପାଇଛି ।*

*ବର୍ତ୍ତମାନ ପ୍ରାଥମିକ ସଂଗ୍ରହକାରୀମାନେ ମଧ୍ୟ ଶିଆଳିପତ୍ର ସହିତ ଅନ୍ୟାନ୍ୟ ଲଘୁ ବନଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ପାଇଁ ଅନୁମତି ପାଇଛନ୍ତି । ଏକଚାଟିଆ ଲିଜ ଦିଆଯାଉଥିବା ସମୟରେ ପ୍ରାଥମିକ ସଂଗ୍ରହକାରୀର ଏ ପ୍ରକାର ଅଧିକାର ନଥିଲା କେବଳ ଲିଜଧାରୀମାନେ ପ୍ରକ୍ରିୟାକରଣ ପାଇଁ ଅନୁମତି ପାଉଥିଲେ ।*

ଏହି ନୀତିର ଆଧାରରେ ଏକଚାଟିଆ ଲିଜଧାରୀଙ୍କର ମନୋମୁଖୀ କାରବାର ବାଧାପ୍ରାପ୍ତ ହେବା ଯୋଗୁଁ ସେମାନେ ଏହା ବିରୁଦ୍ଧରେ କୋର୍ଟରେ ଆବେଦନ କରିଥିଲେ ଓ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ମଧ୍ୟ ସେମାନଙ୍କ ସପକ୍ଷରେ ପାଇଥିଲେ, ମାତ୍ର ପରବର୍ତ୍ତୀ ସମୟରେ ଉଚ୍ଚ ନ୍ୟାୟାଳୟ ଏହି ସ୍ଥଗିତାଦେଶକୁ ପ୍ରତ୍ୟାହାର କରିନେଇଥିଲେ ।

ବିକ୍ରି ବ୍ୟବସ୍ଥା - ଶିଆଳି ପତ୍ରଗୁଡ଼ିକ ବେଳେବେଳେ ଖୋଲାରେ କଞ୍ଚାପତ୍ର ଭାବରେ ବିକ୍ରି ହୋଇଥାଏ । ପାରମ୍ପରିକ ଗଣତି ହିସାବରେ ଯଥା- ଗଣ୍ଡା(୪ଟି ପତ୍ର), କାହାଣ (୧୬ଟି ପତ୍ର) ଓ ପଣ (୩୨୦ଟି ପତ୍ରକୁ ବୁଝାଏ) ରୂପେ ବିକ୍ରି କରାଯାଏ । ପତ୍ରରୁ ଖଲି ଓ ଦନା ତିଆରି କଲାପରେ ମଧ୍ୟ ଏହା ବିକ୍ରି କରାଯାଇଥାଏ । ୮୦ଟି ଖଲିକୁ ଗୋଟିଏ ଚକି କୁହାଯାଏ ଓ କେତେକ ସ୍ଥାନରେ ଚକି ଅନୁସାରେ ମୂଲ୍ୟ ନିର୍ଦ୍ଧାରଣ କରାଯାଏ ।

ପତ୍ରଗୁଡ଼ିକ ଖୋଲାରେ କି.ଗ୍ରା. ପ୍ରତି ୧୫ଟଙ୍କା ଦରରେ ବିକ୍ରି କରାଯାଉଥିବା ବେଳେ ମଧ୍ୟମ ଧରଣର ଖଲି ବିଡ଼ା ପ୍ରତି ୫୦-୬୦ ଟଙ୍କା ଦରରେ ବିକ୍ରି କରାଯାଇଥାଏ ।

ପତ୍ର ଓ ସେଥିରୁ ତିଆରି ଖଲି ଓ ଦନାର ବଜାର ରାଜ୍ୟ ଭିତରେ ତଥା ବାହାରେ ରହିଛି । ହୋଟେଲ ତଥା ଜଳଖିଆ ଦୋକାନଗୁଡ଼ିକରେ ଏହା ପ୍ରତିଦିନ ବ୍ୟବହାର କରାଯାଏ । ମାତ୍ର ବିବାହ ଋତୁରେ ଏହାର ଚାହିଦା ବେଶୀ ବଢ଼ିଯାଏ ।

ଅନେକ ଦୁର୍ନିତିଗ୍ରସ୍ତ ବ୍ୟବସାୟୀ ପୂର୍ବରୁ ଶିଆଳି ବ୍ୟବସାୟ କରି ଆସୁଥିଲେ । ବର୍ତ୍ତମାନର କୋହଳନୀତି ସେମାନଙ୍କୁ ନୀତିଗତ ଭାବରେ କାର୍ଯ୍ୟ କରିବାକୁ ପରିସର ସୃଷ୍ଟି କରିଥିଲେ ମଧ୍ୟ ସେମାନେ ଦୁର୍ନୀତିଗ୍ରସ୍ତ ଉପାୟ ଛାଡ଼ି ପାରିନାହାନ୍ତି । ପଞ୍ଚାୟତକୁ ପଞ୍ଜିକୃତ ଦେୟ ନଦେଇ ସେମାନେ ପତ୍ର ସଂଗ୍ରହ କରୁଛନ୍ତି । ପତ୍ରଗୁଡ଼ିକ ଗରିବ ଆଦିବାସୀମାନଙ୍କ ଠାରୁ କମ୍ ଦାମରେ କିଣି

ଗ୍ରାମୀଣ ମହିଳା ଓ ବାଳିକାମାନଙ୍କୁ କାର୍ଯ୍ୟରେ ଲଗାଇ ଶସ୍ତା ଦରରେ ଖଲି ସିଲେଇ କରାଇଥାନ୍ତି ଓ ବଡ଼ ବ୍ୟବସାୟୀଙ୍କୁ ବିକ୍ରି କରି ଲାଭବାନ ହୋଇଥାନ୍ତି । ମାତ୍ର ସେମାନଙ୍କ ଦ୍ୱାରା ଶୋଷିତ ଜଙ୍ଗଲ ନିର୍ଭରଶୀଳ ଆଦିବାସୀ ଓ ଦଳିତମାନେ ସେମାନଙ୍କର ପୂର୍ବାବସ୍ଥାରେ ସେମିତି ପଡ଼ି ରହିଛନ୍ତି ।

ରାଜ୍ୟ ବାହାରେ ଦୁଇଟି ଅଞ୍ଚଳରେ ଶିଆଳି ଖଲିର ଭିନ୍ନ ଭିନ୍ନ ଚାହିଦା ରହିଛି । ଉତ୍ତର ପଶ୍ଚିମାଞ୍ଚଳର ମଧ୍ୟ ପ୍ରଦେଶ, ଗୁଜୁରାଟ ଓ ଉତ୍ତର ପ୍ରଦେଶ ଇତ୍ୟାଦି ଅଞ୍ଚଳରେ ଛୋଟ ଆକୃତିର ଖଲି, ଯାହା ଜଳଖିଆ ଖାଇବା ପାଇଁ ବ୍ୟବହାର ହୁଏ, ତାକୁ ବେଶୀ ପସନ୍ଦ କରିଥାନ୍ତି । ବର୍ତ୍ତମାନ କାଗଜ ପ୍ଲେଟର ବହୁଳ ପ୍ରଚଳନ ଛୋଟ ଶିଆଳୀ ଖଲିର ବଜାରକୁ କିଛିକାଂଶରେ ପ୍ରଭାବିତ କରିଛି । ଦକ୍ଷିଣାଞ୍ଚଳରେ ବଡ଼ ଆକାରର ଖଲିର ବେଶୀ ଚାହିଦା ରହିଥାଏ । ଦକ୍ଷିଣାଞ୍ଚଳରେ କଦଳୀପତ୍ରର ବହୁଳ ବ୍ୟବହାର ହେଉଥିଲେ ମଧ୍ୟ ଶିଆଳି ଖଲିର ଚାହିଦା ସେଠାରେ କମ୍ ନୁହେଁ । ତିରୁପତି ମନ୍ଦିରରେ ବହୁ ପରିମାଣରେ ଶିଆଳିର ସାଧାରଣ ଖଲି (ପ୍ରେସ୍ ହୋଇ ନଥିବା) ପ୍ରତ୍ୟେକ ଦିନ ଲକ୍ଷାଧିକ ସଂଖ୍ୟାରେ ଆବଶ୍ୟକ ହୋଇଥାଏ ।

ସୁନ୍ଦରଗଡ଼, ଦେବଗଡ଼ ତଥା କୁଚିଣ୍ଡା ଅଞ୍ଚଳରେ କେବଳ ପତ୍ରର ବ୍ୟବସାୟ କରାଯାଏ । ସେହି ଅଞ୍ଚଳରୁ ସଂଗ୍ରହ ହେଉଥିବା ଶିଆଳି ପତ୍ର ବ୍ୟବସାୟୀମାନଙ୍କ ନିକଟରେ ପହଞ୍ଚିଥାଏ । ବଣେଇ, ଲହୁଣିପଡ଼ା, ଗୁରୁଣ୍ଡିଆ ବାମଡ଼ା ଅଞ୍ଚଳରେ ପ୍ରଚୁର ଶିଆଳି ପତ୍ର ଉତ୍ପାଦିତ ହୋଇଥାଏ ।

## ଗରିବ ଲୋକଙ୍କର ଜୀବନ ଜୀବିକାରେ ଶିଆଳି ପତ୍ରର ଗୁରୁତ୍ୱ:

ଜଙ୍ଗଲ ନିର୍ଭରଶୀଳ ଗ୍ରାମୀଣ ଅଧିବାସୀ ଶିଆଳି ପତ୍ର ସଂଗ୍ରହ ଓ ଖଲି ସିଲେଇକୁ ସାରାବର୍ଷର ଉପାର୍ଜନର ମାଧ୍ୟମ ଭାବରେ ଗ୍ରହଣ କରି ନ ପାରିଲେ ମଧ୍ୟ ଏହା ସେମାନଙ୍କୁ ୬ରୁ ୯ମାସ ପାଇଁ ଆୟର ସୁଯୋଗ ଦେଇଥାଏ ।

ମୋଟାମୋଟି ଭାବରେ ଜଣେ ଲୋକ ଯଦି ଦିନକୁ ୩କି.ଗ୍ରା. ଶିଆଳି ପତ୍ର ସଂଗ୍ରହ କରୁଛି ତେବେ ଶିଆଳି ପତ୍ରର ବାର୍ଷିକ ହାରାହାରି ଉତ୍ପାଦନକୁ ୬୦୦୦୦ କ୍ୱିଣ୍ଟାଲ ବୋଲି ଧରାଗଲେ ୨୦ଲକ୍ଷ ଶ୍ରମ ଦିବସ ସୃଷ୍ଟି ହୋଇ ପାରିବ । ପତ୍ର ସଂଗ୍ରହ ପରେ ଏହାର ପ୍ରକ୍ରିୟାକରଣକୁ ଯଦି ହିସାବକୁ ନିଆଯାଏ ତେବେ ଶ୍ରମ ଦିବସର ସଂଖ୍ୟା ବୃଦ୍ଧି ପାଇବ । ମାତ୍ର ଏହି ହିସାବରେ ପ୍ରାଥମିକ ସଂଗ୍ରହକାରୀ ତାର ଶ୍ରମ ଅନୁସାରେ ମୂଲ୍ୟ ପାଇବା ସୁନିଶ୍ଚିତ ହୋଇପାରେ ନାହିଁ, ଅପର ପକ୍ଷରେ, ଟ୍ରାଇଫେଡ୍‌ର ଆକଳନ ଅନୁସାରେ ଶିଆଳିପତ୍ରର ଉତ୍ପାଦନ

ଯଦି ୧୫୦୦୦ ମେଟ୍ରିକ୍ ଟନ୍ ହୁଏ, ତେବେ କି.ଗ୍ରା. ପ୍ରତି ୪ ଟଙ୍କା ଦରରେ ୧୫୦୦୦ମେଟ୍ରିକ୍ ଟନ୍ ପାଇଁ ଦିନକୁ ମଜୁରୀ ୫୦ଟଙ୍କା ହିସାବରେ ୧୨ଲକ୍ଷ ଶ୍ରମ ଦିବସ ସୃଷ୍ଟି ହୋଇ ପାରିବ ।

ଦୁର୍ଭାଗ୍ୟବଶତଃ ଶିଆଳି ପତ୍ରର ପ୍ରାଥମିକ ସଂଗ୍ରହକାରୀ ତାର ଦ୍ରବ୍ୟର ସଠିକ୍ ମୂଲ୍ୟ ପାଇନଥାଏ । ଯଦି ସେ ସର୍ବନିମ୍ନ ଦୈନିକ ମଜୁରୀ ହାରରେ ତା'ର ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ କରେ, ତେବେ ତାହା ବିକ୍ରି ହୋଇ ପାରିବ ନାହିଁ । ତେଣୁ ସେମାନେ କିଛିକାଂଶରେ ସେମାନଙ୍କର ଶ୍ରମକୁ ବାଦ ଦେବାପାଇଁ ବାଧ ହୋଇଥାନ୍ତି । ପୂର୍ବରୁ ଦିଆଯାଇଥିବା ହିସାବକୁ ଯଦି ଆମେ ପୁଣିଥରେ ଦୋହରାଇବା, ତେବେ ସ୍ପଷ୍ଟ ହେବ ଯେ, ହାତ ତିଆରି ଖଲି ୧୦୦ଟି କରିବା ପାଇଁ ତାକୁ ୧.୩୧ଦିନ ଶ୍ରମ ଦିବସର ଆବଶ୍ୟକତା ପଡ଼ିଥାଏ ଓ ସେହି ଅନୁସାରେ ସେ ଟ.୬୫.୫୦ପଇସା ପାଇବା ଉଚିତ୍ । ମାତ୍ର ଏହି ମୂଲ୍ୟରେ ସେ କୌଣସି ଗ୍ରାହକକୁ ତାର ଉତ୍ପାଦନ ବିକ୍ରି କରିପାରିବ ନାହିଁ । ସେହି ହିସାବରେ ପ୍ରାଥମିକ ସଂଗ୍ରହକାରୀ ତାର ଉଚିତ୍ ମୂଲ୍ୟର ୭୫% ପ୍ରତିସତ କମ ମୂଲ୍ୟ ପାଇଥାଏ । ମେସିନ୍ ସିଲେଇ ଖଲିର ମଧ୍ୟ ସେହି ସମାନ ସ୍ଥିତି ଚଳି ଆସୁଛି । ତଥାପି ମଧ୍ୟ ଦୈନିକ ରୋଜଗାର ପାଇଁ ଖଲି ପ୍ରସ୍ତୁତ କରି ବିକ୍ରି କରିବା ପ୍ରାଥମିକ ସଂଗ୍ରହକାରୀ ପାଇଁ ଲାଭ ଦାୟକ ହୋଇଥାଏ କାରଣ ଏହା ନଗଦ ଆୟକୁ ବଢାଇଥାଏ ।

## ମହିଳାମାନଙ୍କର ଭୂମିକା:

ଶିଆଳି ପତ୍ର ସଂଗ୍ରହରେ ମୁଖ୍ୟତଃ ମହିଳାମାନଙ୍କର ଭୂମିକା ଅଧିକ । ପୁରୁଷମାନେ କ୍ୱଚିତ୍ ଏହି କାମରେ ସାହାଯ୍ୟ କରିଥାନ୍ତି । ଜଙ୍ଗଲରୁ ପତ୍ର ସଂଗ୍ରହ କରିବା ଠାରୁ ଏହାକୁ ଘରକୁ ଆଣି ଶୁଖାଇବା ଏବଂ ସିଲେଇ କରିବା, ଏ ସମସ୍ତ କାର୍ଯ୍ୟ ପର୍ଯ୍ୟାୟ କ୍ରମେ ମହିଳାମାନେ କରିଥାନ୍ତି । ଏହି ଶ୍ରମସାପେକ୍ଷ କାର୍ଯ୍ୟ ପରେ ମଧ୍ୟ ସେମାନେ ଶ୍ରମ ଅନୁସାରେ ଉପାର୍ଜନ କରିପାରୁ ନାହାନ୍ତି । ମହିଳାମାନଙ୍କ ଦ୍ୱାରା ଗଠିତ ଏସ୍.ଏଚ୍.ଜି ଶିଆଳି ପତ୍ରର ପ୍ରକ୍ରିୟାକରଣ ପ୍ରକ୍ରିୟାରେ ନିଜକୁ ନିୟୋଜିତ କରି ଗୋଷ୍ଠୀଗତ ଭାବରେ ଯଦି ବଡ଼ ବ୍ୟବସାୟୀ ବା ବଡ଼ ବଜାରରେ ସିଧାସଳଖ ସେମାନଙ୍କର ଦ୍ରବ୍ୟକୁ ବିକ୍ରି କରିପାରିବେ, ତେବେ ସେମାନଙ୍କ ଶ୍ରମର ଯଥାର୍ଥ ମୂଲ୍ୟ ପାଇବାରେ ହୁଏତ ସଫଳ ହୋଇପାରିବେ ।

❖❖❖

# ଖଲିଦନା ପ୍ରସ୍ତୁତି ଶିଳ୍ପ

ଓଡ଼ିଶାର ଅଧିକାଂଶ ବନବାସୀମାନେ ଜୀବିକା ନିର୍ବାହ ପାଇଁ ଖାଦ୍ୟ, ବାସଗୃହ ଇତ୍ୟାଦି ପାଇଁ ଜଙ୍ଗଲଜାତ ସାମଗ୍ରୀ ଉପରେ ନିର୍ଭରଶୀଳ ଏବଂ ଜଙ୍ଗଲରୁ ଆବଶ୍ୟକତା ଅନୁଯାୟୀ ବନଜାତ ପଦାର୍ଥ ସଂଗ୍ରହ କରନ୍ତି । ଏହି ଜଙ୍ଗଲଜାତ ଦ୍ରବ୍ୟଗୁଡ଼ିକ ମଧ୍ୟରୁ ଶାଳପତ୍ର ଓ ଶିଆଳିପତ୍ର ଅନ୍ୟତମ । ବିଶେଷକରି ଶାଳପତ୍ର ଓ ଶିଆଳିପତ୍ରଗୁଡ଼ିକରୁ ନିର୍ମିତ ଖଲିଦନା ଆମର ବିବାହ, ବ୍ରତ ଓ ଯାନିଯାତ୍ରା ଇତ୍ୟାଦିରେ ଅତ୍ୟନ୍ତ ଦରକାରୀ । ଏହି ଖଲିଦନା ପ୍ରସ୍ତୁତି ଏକ କ୍ଷୁଦ୍ର ତଥା କୁଟୀରଶିଳ୍ପ ହିସାବରେ ନିକଟସ୍ଥ ଅଞ୍ଚଳରେ ସ୍ଥାପନ କରାଯାଇପାରିବ । ଏହାଦ୍ୱାରା ବେକାର ଯୁବକ ଯୁବତୀମାନଙ୍କୁ ରୋଜଗାର ମିଳିବା ସଙ୍ଗେ ସଙ୍ଗେ ଶାଳପତ୍ର ଓ ଶିଆଳିପତ୍ରର ପ୍ରାଥମିକ ସଂଗ୍ରହକାରୀ ମାନେ ମଧ୍ୟ ସଠିକ୍ ମୂଲ୍ୟ ପାଇପାରିବେ । ଆସନ୍ତୁ, ଖଲିଦନା ଶିଳ୍ପ ବିଷୟରେ କିଛି ଜାଣିବା :

ଶିଳ୍ପର ନାମ : ଖଲିଦନା ପ୍ରସ୍ତୁତି ଶିଳ୍ପ

ବସାଇବାର ସ୍ଥାନ : ଯେକୌଣସି ଗାଁ / ସହର ଅଞ୍ଚଳରେ ଯେଉଁଠି ନିକଟରେ ଶାଳ, ଶିଆଳିତ୍ର ବହୁପରିମାଣରେ ମିଳିପାରିବ ।

କଞ୍ଚାମାଲ : ଶିଆଳିପତ୍ର, ଶାଳପତ୍ର, ପତଳା ଦରି, ପତଳା କାଠି

କାର୍ଯ୍ୟଦିବସ: ବର୍ଷକୁ ହାରାହାରି ୨୦୦ ଦିନ

ବିଜୁଳି ଶକ୍ତି : ବିଦ୍ୟୁତ ଚାଳିତ ମେସିନ ବ୍ୟବହାର କରିବା ପାଇଁ ବିଦ୍ୟୁତ ଶକ୍ତିର ଆବଶ୍ୟକତା ଅଛି । ଯେଉଁ ଅଞ୍ଚଳରେ ବିଦ୍ୟୁତ୍‌ର ସୁବିଧା ନାହିଁ ସେଠାରେ ବିନା ବିଦ୍ୟୁତରେ ଚାଳିତ ମେସିନ ବ୍ୟବହାର କରାଯାଇ ପାରିବ ।

ମେସିନ ଚାଳନା : ଏହି ପ୍ରେସ୍ ଖଲି ମେସିନ୍, ମୋଟର, ପାଦରେ କିମ୍ବା ହାତରେ ଚଳାଯାଇପାରେ ।

ଉତ୍ପାଦିତ ସାମଗ୍ରୀ : ପ୍ରେସ୍ ଥାଳି, ଦନା, ଟ୍ରେ ଇତ୍ୟାଦି

ପୁଞ୍ଜି ବିନିଯୋଗ : ଗୋଟିଏ ୟୁନିଟ୍ ତଥା ଗୋଟିଏ ମେସିନ ଚଳାଇବା ପାଇଁ ପ୍ରାୟ ଟ. ୨୫୦୦୦/-ରୁ ଟ. ୩୦୦୦୦/- ଟଙ୍କାର ଆବଶ୍ୟକତା ହୋଇଥାଏ । ଏହି ମୂଲ୍ୟରେ ମେସିନର ମୂଲ୍ୟ ଯୋଡ଼ାଯାଇ ନାହିଁ । ବଜାରରେ ବିଭିନ୍ନ ପ୍ରକାରର ମେସିନ ମିଳୁଅଛି । ବିଭିନ୍ନ ମେସିନ୍‌ର ଦାମ୍ ଅଲଗା ଅଲଗା ଅଟେ । ମେସିନ୍‌ର ମୂଲ୍ୟକୁ ଛାଡ଼ି ଅନ୍ୟ ସମସ୍ତ ଖର୍ଚ୍ଚ ପାଇଁ ପ୍ରାୟ ଟ. ୨୫୦୦୦/-ରୁ ଟ. ୩୦୦୦୦/- ଆବଶ୍ୟକ ହୋଇଥାଏ ।

ଲାଭାଂଶ : ଏହି ଶିଳ୍ପରେ ଶତକଡ଼ା ୩୦% ଲାଭ ହୋଇଥାଏ । ଅର୍ଥାତ୍ ଆମେ ଯଦି ଟ. ୩୦୦୦୦/- ପୁଞ୍ଜି ଲଗାଇବା ତାହେଲେ ସମସ୍ତ ଖର୍ଚ୍ଚ ଛାଡ଼ି ଟ. ୯୦୦୦/- ଲାଭ ପାଇପାରିବା ।

ଯଦି ଆପଣ ଏହି ଶିଳ୍ପ ବସାଇବାକୁ ଇଚ୍ଛୁକ ତେବେ ବୈଷୟିକ ଓ ବଜାର ସମ୍ବନ୍ଧୀୟ ତଥ୍ୟ ପାଇଁ ନିମ୍ନଠିକଣାରେ ଯୋଗାଯୋଗ କରନ୍ତୁ ।


**ରୁରାଲ୍ ରିସୋର୍ସ ସେଣ୍ଟର, ସେବକ**

ଗ୍ରା/ପୋ : ବନ୍ଧପାଲି, ଭାୟା : ରଙ୍ଗାଡିପା,

ଜିଲ୍ଲା : ସୁନ୍ଦରଗଡ଼ - ୭୭୦୦୦୨ (ଓଡ଼ିଶା)

ଫୋନ୍ : ୦୬୬୨୨ - ୨୧୧୭୬୩

SEWAK
Strengthening Rural & Tribal Communities

# ସେବକ

ରଙ୍ଗିଆମୁଣ୍ଡା, ପୋ : ଟାଙ୍ଗରପାଲି
ଜିଲ୍ଲା - ସୁନ୍ଦରଗଡ଼-୭୭୦୦୧୧ (ଓଡ଼ିଶା)
ଦୂରଭାଷ: (୦୬୬୨୨)୨୩୭୧୪୬,
ଫ୍ୟାକ୍ସ : (୦୬୬୨୨)୨୩୭୧୨୪
Email:sewaksundargarh@rediffmail.com



'ସେବକ'ର କାର୍ଯ୍ୟକ୍ରମ ସମ୍ପର୍କରେ ଅଧିକ
ଜାଣିବା ପାଇଁ ଲଗ୍ଅନ୍ କରନ୍ତୁ
**www.sewak.org**

